ସମାଜ
The Samaja
ପ୍ରତିଷ୍ଠାତା- ଉତ୍କଳମଣି ଗୋପବନ୍ଧୁ ଦାସ




# ଆଇଆଇଟିରେ କରୋନା ଟିକାକରଣ

ଜଟଣୀ,୧୯।୬(ନି.ପ୍ର):ଜଟଣୀ ଅରଗୁଳସ୍ଥିତ ଭୁବନେଶ୍ୱର ଆଇଆଇଟିରେ କରୋନା ଟିକାକରଣ ଚାଲିଥିବା ନିର୍ଦ୍ଦେଶକ ପ୍ରଫେସର ଆର.ଭି.ରାଜକୁମାର ସୂଚନା ଦେଇଛନ୍ତି । ପ୍ରଥମ ଲହରରେ ନଭେମ୍ବର ୨୦ ତାରିଖରେ ଆଇଆଇଟି ପରିସରରେ ୫ଜଣ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିଲା । କିନ୍ତୁ ଦ୍ୱିତୀୟ ଲହରରେ ଅଳ୍ପ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିଲେ ମଧ୍ୟ ଆଇଆଇଟିର କୋଭିଡ଼ ନିବାରଣ ଟାସ୍କ ଫୋର୍ସର ଉଦ୍ୟମ ଫଳରେ କରୋନାକୁ ନିୟନ୍ତ୍ରିତ କରାଯାଇଥିଲା । ଆଇଆଇଟି ପରିସରକୁ ସୁରକ୍ଷିତ ରଖିବା ଏବଂ କରୋନା ସଂକ୍ରମଣରୁ ଛାତ୍ରଛାତ୍ରୀ, ଶିକ୍ଷା କର୍ମଚାରୀ ଓ ସେମାନଙ୍କ ପରିବାର ଏବଂ ଠିକା ସଂସ୍ଥା ଦ୍ୱାରା ନିଯୁକ୍ତ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ରକ୍ଷା କରିବା ନିମନ୍ତେ ଖୋର୍ଦ୍ଧା ଓ ଭୁବନେଶ୍ୱରର ବିଭିନ୍ନ କେନ୍ଦ୍ରରେ ଟିକାକରଣ କରାଯାଇଛି । ଭାରତ ସରକାରଙ୍କ ଶିକ୍ଷା ବିଭାଗ ଏବଂ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହଯୋଗ ଯୋଗୁଁ ଆଇଆଇଟିରେ ଟିକାକରଣ ସମ୍ଭବ ହେଲା ବୋଲି ଆଇଆଇଟିର ଲୋକ ସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି ।